

ଅତି ଅଳ୍ପ ସମୟରେ ବତକ ଦୁର୍ବଳ ହୋଇଯାଏ ଏବଂ ମରିଯାଏ । ଏହି ରୋଗ ଅତି କମ୍ ସମୟରେ ଅନ୍ୟ ଅଞ୍ଚଳକୁ ବ୍ୟାପି ଯାଇଥାଏ । ଏହାର ପ୍ରତିକାର ପାଇଁ ୩ ରୁ ୪ ମାସ ବୟସର ବତକମାନଙ୍କୁ ପ୍ଲେଗ୍ ଟୀକା ଦେବା ଦରକାର । 'ଡକ୍ ପ୍ଲେଗ' ଯଦିଓ ମାରାତ୍ମକ ରୋଗ ଏହା ବହୁତ କମ୍ ସମୟରେ ହୁଏ ତଥା କେତେକ ସ୍ଥାନରେ ହିଁ ଦେଖା ଯାଇଥାଏ । 'ଡକ୍ କଲେରା'ର ପ୍ରତିକାର ପାଇଁ ୩ ରୁ ୪ ସପ୍ତାହ ବୟସର ବତକମାନଙ୍କୁ ଟୀକା ଦେବା ଦରକାର ।

## ରୋଗୀଣା ବତକର ଲକ୍ଷଣ

ରୋଗୀଣା ବତକ ଖାଦ୍ୟ ଠିକ୍ ଭାବରେ ଖାଉ ନ ଥିବ, ଦୁର୍ବଳ ଭଳି ଚାଲୁଥିବ, ଗୋଟିଏ ସ୍ଥାନରେ ବସି ଥିବ, ପର ତଥା ମଳଦ୍ୱାରରେ ମଳ ଲାଗି ରହୁଥିବ କିମ୍ବା ଝାଡା ଅଥବା ନାକରୁ ପାଣି ଗଡୁଥିବ ତା ହେଲେ ରୋଗର କାରଣ ଯାଞ୍ଚ କରାନ୍ତୁ ।

## ବତକ ପାଳନରୁ ଲାଭ

ବୈଜ୍ଞାନିକ ପଦ୍ଧତିରେ ବତକପାଳନ କଲେ ଗ୍ରାମାଞ୍ଚଳରେ ଜଣେ ଚାଷୀ ୨୫ ରୁ ୩୦ ଟି ବତକରୁ ବାର୍ଷିକ ୧୪,୦୦୦ ରୁ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବ । ବତକ ଅଣ୍ଡାର ଓଜନ ୬୦ ରୁ ୭୫ ଗ୍ରାମ୍ ହୋଇଥାଏ ଯାହାକି କୁକୁଡା ଅଣ୍ଡାଠାରୁ ଅଧିକ । ବତକ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି । ବତକ ନିକଟରେ ଥିବା ଧାନ ବିଲ, ପୋଖରୀ ତଥା ଅନ୍ୟାନ୍ୟ ପାଣି ଜମିଥିବା ସ୍ଥାନରୁ ଅନାବନା ଘାସ, କୀଟ ପତଙ୍ଗ, ଝିଣ୍ଟିକା, ଗେଣ୍ଡା ତଥା ପଡିଥିବା ଶସ୍ୟ ମଧ୍ୟ ଖାଇ ଆମର ଉପକାର କରିଥାନ୍ତି । ବତକର ପର ଓ ମଳ ମଧ୍ୟ ଦରକାର ହୋଇଥାଏ । ଅଗଣାରେ ବତକ ପାଳିଲେ ଏମାନଙ୍କର ଖାଇବା ଖର୍ଚ୍ଚ ବହୁତ କମ୍ ହୋଇଥାଏ ।

## ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ

ବତକ ପାଳିବା ପୂର୍ବରୁ ବତକ ପାଳନର କୌଶଳ ପାଇଁ ବତକ ପାଳୁଥିବା ଚାଷୀ, କୃଷି ବିଜ୍ଞାନ କେନ୍ଦ୍ର କଟକ (୦୮୭୬୩୬୭୧୦୬୦) କିମ୍ବା ବତକ ପ୍ରଜନନ କେନ୍ଦ୍ର, ଖପୁରିଆ, କଟକ (୦୬୭୧-୨୩୪୦୭୧) ଅଥବା କେନ୍ଦ୍ରୀୟ ପକ୍ଷୀ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର (୦୬୭୪-୨୬୦୦୬୮୬, ୨୫୬୪୯୫୦) କୁ ସମ୍ପର୍କ କରନ୍ତୁ ।

**କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର : ୭**
ପୃଷ୍ଠା ବିନ୍ୟାସ : ବିଭୂତି ଭୂଷଣ ପଲେଇ ଓ ଫଟୋଗ୍ରାଫି : ଅରବିନ୍ଦ ବିଶୋଇ
କାର୍ଯ୍ୟକ୍ରମ ସଂଯୋଜକ
**କୃଷି ବିଜ୍ଞାନ କେନ୍ଦ୍ର କଟକ, ସନ୍ତପୁର**
**ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**
ଫୋନ୍ : ୦୬୭୧- ୨୧୧୭୨୫୮, Email : kvkcuttack@gmail.com

# ଘର୍ ଅଗଣାରେ୍ ବତକ୍ ପାଳନ

**ରଞ୍ଜନ କୁମାର ମହାନ୍ତ, ଶିବ ମଙ୍ଗଳ ପ୍ରସାଦ, ସୁଜାତା ସେଠୀ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ତୁଷାର ରଞ୍ଜନ ସାହୁ, ମନିଷ ଚୌରାସିଆ**

## ବତକ ପାଳନ କରିବା କାହିଁକି ?

ବତକ ପାଳନ ଏକ ଲାଭଜନକ ବ୍ୟବସାୟ । ଏଥିପାଇଁ କମ୍ ମୂଳଧନ ଦରକାର ହୋଇଥାଏ । ଏହାଛଡା ବତକମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ଅଧିକ । କୁକୁଡାଠାରୁ ବତକ ଅଧିକ ଅଣ୍ଡା ଦେଇଥାନ୍ତି । ବତକର ଅଣ୍ଡାର ଆକାର ବଡ; ତେଣୁ ଅଧିକ ପରିମାଣର ପୁଷ୍ଟିସାର ତଥା ଅନ୍ୟାନ୍ୟ ଖାଦ୍ୟପ୍ରାଣ ଏଥିରୁ ମିଳିଥାଏ । ତେଣୁ ଆମର ଗ୍ରାମାଞ୍ଚଳରେ ପୁଷ୍ଟିହୀନତା ଦୂର କରିବାରେ ବତକ ପାଳନ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । କମ୍ ଖର୍ଚ୍ଚରେ ଉତ୍ତମ ଖାଦ୍ୟ ମିଳିବା ସହିତ ଆର୍ଥିକ ଲାଭ ମଧ୍ୟ ମିଳିଥାଏ ।

## ବତକର ପ୍ରକାର ଭେଦ

ବତକ ସାଧାରଣତଃ ଦୁଇ ପ୍ରକାର, ଯଥା ଅଣ୍ଡାଦିଆ (ଖାକି କ୍ୟାମ୍ପବେଲ, ଦେଶୀ, ଇଣ୍ଡିଆନ୍ ରନ୍ନର) ଓ ମାଂସ ଉପଯୋଗୀ (ହ୍ୱାଇଟ୍ ପେକିନ, ମୋତି/ମସ୍କୋଭି) ବତକ । ଅଣ୍ଡାଦିଆ ବତକମାନେ ୫-୬ ମାସରୁ ଆରମ୍ଭ କରି ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି । ଖାକି କ୍ୟାମ୍ପବେଲ ବର୍ଷକୁ ୩୦୦ ରୁ ଅଧିକ ଅଣ୍ଡା ଦେଇଥାନ୍ତି । ଦେହର ରଙ୍ଗ ଅନୁସାରେ ଖାକି କ୍ୟାମ୍ପବେଲ ବତକ ଧୂସର, ହ୍ୱାଇଟ ପେକିନ୍ ଧଳା ତଥା ମୋତି/ମସ୍କୋଭି ଓ ଦେଶୀ ବତକର ରଙ୍ଗ କଳା-ଧଳା ମିଶ୍ରିତ ହୋଇଥାଏ । ଆମ ଜିଲ୍ଲାପାଇଁ ଖାକି କ୍ୟାମ୍ପବେଲ ଓ ଦେଶୀ ବତକ ଉପଯୁକ୍ତ ।

## ବତକ ପାଳନ ପଦ୍ଧତି

ପ୍ରଥମ ପର୍ଯ୍ୟାୟରେ ଅଳ୍ପ ବତକ ରଖି ବତକ ପାଳନର କୌଶଳ ଜାଣିବା ପରେ ବଡ ଧରଣର ବତକ ଚାଷ କରିବା ଦରକାର । ଖାକି କ୍ୟାମ୍ପବେଲ ଓ ଦେଶୀ ବତକ ଅପେକ୍ଷା ହ୍ୱାଇଟ୍ ପେକିନ ଓ ମୋତି/ମସ୍କୋଭି ବତକ ଅଧିକ ଯତ୍ନ ଆବଶ୍ୟକ କରିଥାନ୍ତି । ବୈଜ୍ଞାନିକ ଉପାୟରେ ବତକ ପାଳନର ପଦ୍ଧତି ନିମ୍ନରେ ଦିଆଯାଇଛି :



ଖାକି କ୍ୟାମ୍ପବେଲ୍



ଦେଶୀ



ହ୍ୱାଇଟ୍ ପେକିନ୍

## ବତକ ଘର



୨୦-୩୦ଟି ବତକ ପାଇଁ ଘର ଅଗଣା ବା ପୋଖରୀ ହୁଡାରେ ମାଟି ବା ନଡା ଛପରଯୁକ୍ତ ଘର ତିଆରି କରନ୍ତୁ । ବତକ ପିଛା ୨ରୁ ୩ ବର୍ଗ ଫୁଟ ହିସାବରେ ଚଟାଣ ରଖି ଏକ କମ୍ ଖର୍ଚ୍ଚର ଘରକୁ ୫-୬ ଫୁଟ ଉଚ୍ଚତାରେ ଛପର କରନ୍ତୁ । ଘର ମଧ୍ୟ ଦେଇ ବାୟୁ ଚଳାଚଳ କରିବା ପାଇଁ ବିପରୀତ କାନ୍ଥରେ ୨ଟି ବଡ ଝରକାର ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା ବତକ ମଳରୁ ଆର୍ଦ୍ରତା ତଥା ଦୁର୍ଗନ୍ଧ (ଆମୋନିଆ ବାଷ୍ପ) ଦୂର କରିଥାଏ ।

## ବତକ ଚିଆଁଙ୍କ ଯତ୍ନ

ଦିନିକିଆ ବତକ ଚିଆଁ କେନ୍ଦ୍ରୀୟ ପକ୍ଷୀ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର କିମ୍ବା କୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ହ୍ୟାଚେରୀରୁ ଆଣନ୍ତୁ ଏବଂ ଘରେ ପହଞ୍ଚିଲା ପରେ ୨ ରୁ ୩ ଦିନ ପର୍ଯ୍ୟନ୍ତ ଇଲେକ୍‌ଟ୍ରୋଲାଇଟ୍ ବା ଲବଣ ମିଶ୍ରିତ ପାଣି ପିଇବାକୁ ଦିଅନ୍ତୁ । ବତକ ଆଣିବା ପୂର୍ବରୁ ଘର ସଫାସୁତୁରା ତଥା ଚୂନରେ ବିଶୋଧନ କରି ରଖନ୍ତୁ । ଦିନିକିଆ ବତକମାନଙ୍କୁ ୩-୪ ସପ୍ତାହ ପର୍ଯ୍ୟନ୍ତ ସାବଧାନତାର ସହିତ ରଖାଯାଏ । ଏହି ସମୟରେ ବିଦ୍ୟୁତ ବଲ୍‌ବ ଅଥବା ଲଣ୍ଠନର ବ୍ୟବହାର କରି ତାଙ୍କର ଦେହର ତାପମାତ୍ରାକୁ ବଜାୟ ରଖାଯାଏ । ବତକ ଛୁଆମାନଙ୍କୁ ଅଗଣାରେ କିଛି ସମୟ ଚଲାବୁଲା ପାଇଁ ଛାଡିଲେ ଭଲ । କଟାସ ବା ଅନ୍ୟାନ୍ୟ ଜନ୍ତୁଙ୍କଠାରୁ ରକ୍ଷା କରିବା ପାଇଁ ବତକ ଛୁଆମାନଙ୍କୁ ଦୃଷ୍ଟି ଦେବା ଦରକାର । ବତକ ଛୁଆମାନଙ୍କୁ ୨୦-୨୫ ଦିନ ପରେ ପୋଖରୀକୁ ଛାଡନ୍ତୁ ନ ହେଲେ ମାଟିରେ ଗାତ କରି ତଳେ ପଲିଥିନ୍ ଦେଇ ଛୋଟ ପାଣିକୁଣ୍ଡ ତିଆରି କରି ଛାଡନ୍ତୁ । ସବୁବେଳେ ସମାନ ବୟସର ବତକମାନଙ୍କୁ ଗୋଟିଏ ସ୍ଥାନରେ ରଖନ୍ତୁ ।

## ବତକ ଖାଦ୍ୟ ଓ ପାଣି

ଦାନାରେ ସମାନ ପରିମାଣର ପାଣି ମିଶାଇ ଖାଇବାକୁ ଦିଅନ୍ତୁ । ବଢିବା ସମୟରେ ବତକଙ୍କୁ ଗହମ, ମକା, ଚୋକଡ ତଥା ଡାଲି ଜାତୀୟ ଶସ୍ୟ ଓ ଚୋପା ସହିତ ପିଡିଆ ମିଶାଇ ଖାଇବାକୁ ଦେଲେ ଭଲ ବଢିଥାନ୍ତି । ପକ୍ଷୀଖାଦ୍ୟ ଦେଲେ ଆଶାନୁରୂପ ଫଳ ମିଳିଥାଏ । ୨୦-୩୦ଟି ବତକ ପାଇଁ ପୋଖରୀରୁ ଯଥେଷ୍ଟ ଖାଦ୍ୟ ମିଳିଥାଏ । ଏହା ସହିତ ବଳକା ପନିପରିବା ଚୋପା, ବଳକା ଖାଦ୍ୟ ତଥା ଅନ୍ୟାନ୍ୟ ବତକ ଖାଉଥିବା ଜିନିଷ ଖାଇବାକୁ ଦିଅନ୍ତୁ । ବ୍ୟବହାର ଅନୁପଯୋଗୀ ପନିପରିବାକୁ ସିଝାଇ ଖାଇବାକୁ ଦିଅନ୍ତୁ ।



ଅଣ୍ଡାଦେବା ସମୟରେ ବତକମାନଙ୍କୁ ଯଥେଷ୍ଟ ପରିମାଣରେ ଉତ୍କୃଷ୍ଟ ଖାଦ୍ୟ ଦିଅନ୍ତୁ । ତା ସହିତ କ୍ୟାଲସିୟମ୍, ଫସ୍‌ଫରସ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ତଥା ଲୁଣ ମିଶାଇ ଖାଇବାକୁ ଦେଲେ ଅଣ୍ଡା ପ୍ରାୟ ସବୁଦିନେ ମିଳିଥାଏ । ଅଣ୍ଡା ଦେଉଥିବା ବତକମାନଙ୍କୁ ପଥର ଚୂନ, ଶାମୁକା, ମାଛକାତି ଅଥବା ମାର୍ବଲ ଗୁଣ୍ଡ ଖାଇବାରେ ମିଶାଇଲେ ଅଣ୍ଡାର ଖୋଳ ଟାଣ ହୋଇଥାଏ ଏବଂ ଅଣ୍ଡାର ଉତ୍ପାଦନ ତଥା ଆକାର ବଢିଥାଏ । ସବୁବେଳେ ଯଥେଷ୍ଟ ପରିମାଣର ସ୍ୱଚ୍ଛ ପିଇବା ପାଣି ପିଇବାକୁ ଦିଅନ୍ତୁ । ବତକମାନେ ସାଧାରଣତଃ ରାତିରେ ବା ପାହାନ୍ତିଆ ସମୟରେ ଅଣ୍ଡା ଦେଇଥାନ୍ତି । ତେଣୁ ଅଣ୍ଡା ସହଜରେ ମିଳିଥାଏ ।

## ସାବଧାନତା

ମକା ଥିବା ଦାନା ଅତି ପୁରୁଣା ହେଲେ ଅଥବା ପାଣିରେ ଭିଜି ରହିଲେ ଦାନା ଫିମ୍ପି ମାରିଯାଏ ଓ ସେଥିରେ ଆଫ୍ଲାଟକ୍ସିନ୍ ତିଆରି ହୋଇଥାଏ । ଫିମ୍ପିମାରିଥିବା ପୁରୁଣା କୁକୁଡା ଦାନା ବତକ ମାନଙ୍କୁ ଦିଅନ୍ତୁ ନାହିଁ କାରଣ ସେଥିରେ ଥିବା ଆଫ୍ଲାଟକ୍ସିନ୍ ବତକରେ ପକ୍ଷପାତ ରୋଗ କରାଇଥାଏ ଏବଂ ସେଥିପାଇଁ ପକ୍ଷୀମାନେ ଅଣ୍ଡାଦେବା ବନ୍ଦ କରି ଦିଅନ୍ତି ତଥା ମରିଥାନ୍ତି । ଦୁର୍ବଳ ତଥା ରୋଗୀଣା ବତକମାନଙ୍କୁ ଅଲଗା ରଖି ତାଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ ତଥା ନିକଟସ୍ଥ ପଶୁ ଡାକ୍ତରଙ୍କ ପରାମର୍ଶ ନେଇ ଯଥାଶୀଘ୍ର ଚିକିତ୍ସା କରନ୍ତୁ । ବତକ ଘର ଓ ତାର ପରିପାର୍ଶ୍ୱରେ ପାଣି କିମ୍ବା ଅନାବନା ଘାସ ଓ ଅଳିଆ ଆବର୍ଜନା ଜମିବାକୁ ଦିଅନ୍ତୁ ନାହିଁ । ବତକ ମଳକୁ ପ୍ରତିଦିନ ଠିକ୍‌ଭାବେ ସଫା କରନ୍ତୁ । ମାଈ ବତକ ଅଣ୍ଡାଦେବା ଆରମ୍ଭକଲେ ଦଳରେ ଥିବା ଅଣ୍ଡିରା ବତକମାନଙ୍କୁ (୧-୨ଟି ଛାଡି) ବିକ୍ରି କରିଦେଲେ ମାଈ ବତକଙ୍କୁ ପରିବେଶରୁ ଅଧିକ ଖାଇବାକୁ ମିଳେ ଏବଂ ଚାଷୀ ଅଧିକ ଅଣ୍ଡା ପାଇଥାଏ । ମାଈ ବତକ ଅଣ୍ଡାଦେବା ସମୟରେ ଦିନକୁ ୧୫ ରୁ ୧୬ ଘଣ୍ଟା ଆଲୋକରେ ରହିବା ଦରକାର । ତେଣୁ ରାତିରେ ମଧ୍ୟ ୪ ରୁ ୫ ଘଣ୍ଟା ଆଲୋକର ପ୍ରାବଧାନ କରାନ୍ତୁ । ଓସାରିଆ ମୁହଁଥିବା ମାଟି ହାଣ୍ଡି ବତକ ଘରକୋଣରେ ବସାଇଲେ ବତକମାନେ ତା ଭିତରେ ଅଣ୍ଡାଦେବାକୁ ପସନ୍ଦ କରନ୍ତି । ତେଣୁ ଅଣ୍ଡା ଭାଙ୍ଗେନାହିଁ ତଥା ମଇଳା ହୁଏନାହିଁ ।



## ରୋଗ ପରିଚାଳନା

ବତକମାନଙ୍କୁ କୁକୁଡା ତୁଳନାରେ ରୋଗ ବହୁତ କମ୍ ହୋଇଥାଏ । 'ଡକ୍ କଲେରା' ଓ 'ଡକ୍ ପ୍ଲେଗ' ମୁଖ୍ୟ ରୋଗ । ଏହାଛଡା ପାଣିପାଗର ଅଥବା ଖାଦ୍ୟର ତତ୍‌କ୍ଷଣାତ୍ ପରିବର୍ତ୍ତନ ତଥା ପାଣି ସଠିକ୍ ପରିମାଣରେ ନ ମିଳିଲେ ଏମାନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟେ ।

'ଡକ୍ ପ୍ଲେଗ' ରୋଗରେ ବତକମାନଙ୍କର ଘନଘନ ପତଳା ଓ ଦୁର୍ଗନ୍ଧ ଝାଡା ହେବା ସହିତ ଜ୍ୱର ହୋଇଥାଏ ।